# ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ



ବିଦେଶୀ ଶାସନରେ ଅଧୀନ ଥିଲା ଦେଶ
ସେକାଳେ ଭୋଗୁଥିଲୁ କେତେ ଯେ ଆମେ କ୍ଲେଶ
ସ୍ୱାଧୀନ ଆଜି ଆମେ କାହାକୁ ନାହିଁ ଡର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୧।।


ଏଣିକି ଭଲ ଯାହା କରିବୁ ସେହି କାମ
ଜାତିର ଇତିହାସେ ରହିବ ଆମ ନାମ
କର୍ତ୍ତବ୍ୟ-ପଥ ଧରି ହୋଇବୁ ଅଗ୍ରସର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୨।।

ଭୋକିଲା ହୋଇ ଆଉ ରହିବେ ନାହିଁ କେହି
ରଖିବୁ ଜାତି ଟେକ ନିଜକୁ ବଳି ଦେଇ
ସ୍ୱଦେଶ ସେବା ବ୍ରତ କରିବୁ ଜୀବନର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୩।।

ଅଛୁଆଁ ନୁହେଁ କେହି ସଭିଏଁ ଭାଇ ଆମ
ସଭିଙ୍କ ହିତ ପାଇଁ କରିବୁ ଆମେ କାମ
ସମସ୍ତେ ଆପଣାର ଜଣେ କେ ନୁହେଁ ପର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୪।।



ଦେଶରେ ଖୋଲିଦେବୁ ବିବିଧ କାରଖାନା
ଯେପରି ଉତପନ୍ନ ହୋଇବ ଦ୍ରବ୍ୟ ନାନା
ଗଢ଼ି ଉଠିବେ ପୁଣି ଅସଂଖ୍ୟ କାରିଗର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୫।।



ଆମେ ଯେ ବୀର ଜାତି ନୋଇଁବୁ ନାହିଁ ମଥା
କରିବୁ ପ୍ରାଣ ଦେଇ କହିବୁ ଯେଉଁ କଥା
ମରତେ ଖେଳାଇବୁ ସୁଷମା ସରଗର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୬।।

ଜ୍ଞାନ ବିଜ୍ଞାନେ ଆମେ ନୋହିବୁ କାହା ପଛ
ପ୍ରତିଜ୍ଞା କର ଭାଇ, ଯେଉଁଠି ଯିଏ ଅଛ
କୋଟି ଯେ କୋଟି ଆମେ ସନ୍ତାନ ଭାରତର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୭।।

## କବି ପରିଚୟ

**ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ** ୧୯୦୩ ମସିହା ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ ପିଲାମାନଙ୍କ ପାଇଁ ଅନେକ ସାହିତ୍ୟ ରଚନା କରିଛନ୍ତି । ସେମାନଙ୍କ ମଧ୍ୟରେ କୁହୁକୁହୁ, ରୁଣୁଝୁଣୁ, ସୁଲୁସୁଲୁ, ଘଣ୍ଟି ଘାଗୁଡ଼ି, କଳାବଉଦ, ଭାଇଭଉଣୀ, ମୂଷି ମାଉସୀ, ହଜିଲା ବଳଦ ଖୋଜିଲା ଠେଇଁ, ଡାଳରେ ମାଙ୍କଡ଼ ମାରଇ ଡିଆଁ, ଉଦୟଭାନୁ ଇତ୍ୟାଦି ପ୍ରଧାନ। ୧୯୯୪ ମସିହାରେ କବିଙ୍କର ଦେହାନ୍ତ ହୋଇଥିଲା ।

## ଶିକ୍ଷକଙ୍କ ପାଇଁ ସୂଚନା

- ଏ କବିତାଟି ସ୍ୱାଧୀନତା ପର ସମୟର କବିତା । ଦେଶର ପ୍ରଗତି ଏକ ଧାରାବାହିକ ପ୍ରକ୍ରିୟା - ଏ ପିଢ଼ିର ଶିଶୁ ଦେଶର ବିକାଶ ପାଇଁ ଉଦ୍‌ବୁଦ୍ଧ ହେବା ନିମନ୍ତେ ଶିକ୍ଷକ ପିଲାମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଇବେ ।
- ଭାରତର ଜାତୀୟ ପତାକାକୁ ଚକ୍ରଧ୍ୱଜ ଓ ତ୍ରିରଙ୍ଗା କୁହାଯାଏ ବୋଲି ଶିକ୍ଷକ ପିଲାମାନଙ୍କୁ କହିବେ ।
- ଜାତୀୟ ପତାକାରେ ଥିବା ତିନିଟି ରଙ୍ଗ, ଚକ୍ର ଇତ୍ୟାଦି ପ୍ରତୀକ ସମ୍ପର୍କରେ କହିବେ ।
- ପିଲାମାନେ କର୍ତ୍ତବ୍ୟପରାୟଣ ହେବା ସହିତ ଦେଶସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଦେଶ ଓ ଜାତିର ସମ୍ମାନ ରକ୍ଷାପାଇଁ କେଉଁକେଉଁ କାର୍ଯ୍ୟ କରିବେ କବିତାର ଆଲୋଚନା ସମୟରେ ଶିକ୍ଷକ ସେ ସମ୍ପର୍କରେ ଧାରଣା ଦେବେ ।
- ଶିକ୍ଷାର୍ଥୀମାନେ ଜ୍ଞାନବିଜ୍ଞାନରେ ଅଗ୍ରଣୀ ହେବା ସହିତ ଭଲ କାମ କରି ଇତିହାସରେ କିପରି ନାମ ରଖିବେ,ସେଥିପାଇଁ ପିଲାଦିନୁ ପ୍ରସ୍ତୁତ ହେବା ନିମିତ୍ତ ଶିକ୍ଷକ ପ୍ରେରଣା ଯୋଗାଇବେ ।
- ଛୁଆଁ ଅଛୁଆଁ ଭେଦଭାବ ଦୂର କରି ସମସ୍ତଙ୍କ ହିତ ନିମିତ୍ତ କାମ କରିବାକୁ ଶିକ୍ଷାର୍ଥୀମାନେ ବ୍ରତୀ ହେବା ପାଇଁ ଶିକ୍ଷକ ଉତ୍ସାହିତ କରିବେ ।
- ପିଲାଙ୍କ ସହିତ 'ଅଭ୍ୟାସ' କାର୍ଯ୍ୟ ଆଲୋଚନାବେଳେ ପାଠ୍ୟ ବିଷୟବସ୍ତୁ ବାହାରର ଅଧିକ ଉଦାହରଣ ଦେବା ପାଇଁ ପ୍ରୟାସ କରିବେ ।

### ସୂଚନା

| | | |
|---|---|---|
| ଉତପନ୍ନ (ଉତ୍ପନ୍ନ) | - | ଜାତ, ଉତ୍ପତ୍ତି, ସୃଷ୍ଟି |
| କ୍ଳେଶ | - | କଷ୍ଟ, ଦୁଃଖ, ଯନ୍ତ୍ରଣା |
| ଅଗ୍ରସର | - | ଆଗକୁ ଯିବା |
| ସୁଷମା | - | ସୌନ୍ଦର୍ଯ୍ୟ |

### ଆସ ଜାଣିବା କେତୋଟି ନୂତନ ଶବ୍ଦ

| | | | |
|---|---|---|---|
| ଧ୍ୱଜା | ଦ୍ରବ୍ୟ | କାରିଗର | ଟେକ |
| ମରତେ | ହିତ | ବ୍ରତ | ବିବିଧ |

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ) ଆମ ଦେଶ ପରାଧୀନ ଥିବାବେଳେ କ'ଣ ଅସୁବିଧା ହେଉଥିଲା ?

ଖ) ଦେଶ ସ୍ୱାଧୀନ ହେବା ପରେ ଆମେ କେଉଁ କାମ କରିପାରିବା ବୋଲି କବିତାରେ କୁହାଯାଇଛି ?

ଗ) ଜାତିର ଟେକ ରଖିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

ଘ) ଦେଶର ଉନ୍ନତି ପାଇଁ କେଉଁକେଉଁ କାମ ସ୍ୱାଧୀନ ଭାରତରେ କରାଯିବ ବୋଲି ଆଶା କରାଯାଇଛି ?

ଙ) ଆମେ କାହିଁକି ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ?

**୨. ଉତ୍ତର ଲେଖିବା ।**

କ) କଥାକୁ କିପରି କାର୍ଯ୍ୟରେ ପରିଣତ କରିପାରିବା ବୋଲି କବିତାରେ କୁହାଯାଇଛି ?

.................................................................................................

ଖ) ସ୍ୱାଧୀନ ଭାରତର ଶିଶୁମାନେ ମର୍ତ୍ତ୍ୟପୁରୀରେ କି ପରିବର୍ତ୍ତନ ଆଣିପାରିବା କଥା କବି କହିଛନ୍ତି ?

.................................................................................................

ଗ) କେଉଁ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି ?

.................................................................................................

ଘ) କେଉଁମାନେ ପ୍ରତିଜ୍ଞା କରିବା କଥା କବିତାରେ ପ୍ରକାଶ ପାଇଛି ?

.................................................................................................

ଙ) ଦେଶରେ କଳକାରଖାନା ଗଢ଼ି ଉଠିଲେ ଆମର କ'ଣ ସୁବିଧା ହେବ ?

.................................................................................................

**୩. କବିତାର ଯେଉଁ ପଦରେ ଏ କଥା କୁହାଯାଇଛି ସେହି ପଦଟି ବାଛି ଲେଖିବା ।**

କ) ସେ ସମୟରେ କଷ୍ଟ ଭୋଗୁଥିଲୁ, ..................................................

ଖ) ଦେଶ ସେବାକୁ ଜୀବନର ବ୍ରତ କରିବା, ..................................................

ଗ) ସମସ୍ତଙ୍କ ପାଇଁ ଭଲ କାମ କରିବା, ..................................................

ଘ) ବହୁ ଜିନିଷ ସୃଷ୍ଟି ହେବ, ..................................................

ଙ) ଯାହା କହିବୁ ତାହା ପ୍ରାଣ ଦେଇ କରିବୁ, ..................................................

୪. 'ଧ୍ୱଜା' ସହିତ ଯେପରି 'ଫରଫର'ର ସଂପର୍କ ଅଛି, ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ସହିତ ଯାହାର ସଂପର୍କ ଅଛି ତାହାକୁ ସେହି ଶବ୍ଦ ପାଖରେ ଲେଖିବା ।

କ) ଝରଣା - ........................................................

ଖ) ଓଦା - ........................................................

ଗ) ରାଗ - ........................................................

ଘ) ଚାଲି - ........................................................

ଙ) ଶୀତ - ........................................................

୫. (କ) ତଳେ କବିତାରେ ଥିବା କେତେକ ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପୂର୍ବରୁ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ଯୋଡ଼ିବା ।

................................. ଶାସନ

................................. ଧ୍ୱଜା

................................. ପଥ

................................. କାରିଗର

(ଖ) ତଳେ କବିତାରେ ଥିବା ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପରେ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ଯୋଡ଼ିବା ।

ସ୍ୱଦେଶ .................................

ବୀର .................................

୬. ଯେପରି 'ବିଦେଶୀ' ପାଇଁ 'ସ୍ୱଦେଶୀ', ସେହିପରି ନିମ୍ନରେ ଦିଆ ଯାଇଥିବା ଶବ୍ଦଗୁଡ଼ିକ ପାଇଁ କ'ଣ ହେବ ଲେଖ ।

ସ୍ୱାଧୀନ ......................., ଭଲ .........................., ପର ..........................,

ହିତ .........................., ବୀର ..........................

୭. ଯେପରି 'କର୍ତ୍ତବ୍ୟ' ଶବ୍ଦ ସହ 'ପଥ' ଶବ୍ଦ ମିଶି 'କର୍ତ୍ତବ୍ୟପଥ' ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରୁ ଯେଉଁ ଶବ୍ଦରେ 'ପଥ' ଯୋଗ କରି ନୂଆ ଶବ୍ଦ ଗଢ଼ିହେବ ସେଗୁଡ଼ିକୁ ଲେଖ ।

ସତ୍ୟ, ଟେକ, ଧର୍ମ, ଧ୍ୱଜା, ଗତି, ଛାୟା, ଦ୍ରବ୍ୟ, କର୍ମ, ପ୍ରାଣ, ଜ୍ଞାନ

୮.	ପତାକାର ଆଉ କେତୋଟି ପ୍ରତିଶବ୍ଦ ଲେଖିବା ।

.................. .................. .................. ..................

୯.	ଯେପରି 'ଶାସନ' ରୁ 'ଶାସିତ', 'ଦଳ'ରୁ 'ଦଳୀୟ' ହୋଇଛି

ସେପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କର ନୂଆ ରୂପ ଲେଖିବା ।

ଉତ୍ପାଦନ

ନାମ

ଜାତି

ବିଦେଶ

ଜୀବନ

୧୦.	ତଳେ 'କ' ଓ 'ଖ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି । ସଂପର୍କିତ ଶବ୍ଦ ଦୁଇଟିକୁ ମିଳାଇ ଯେଉଁ ନୂଆ ପଦଟି ହେଉଛି ତାକୁ 'ଗ' ସ୍ତମ୍ଭରେ ଲେଖିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| କାମ | ଖରଖର | .................................................... |
| ଲୁହ | ଗରଗର | .................................................... |
| ରାଗ | ଝରଝର | .................................................... |
| ବଚନ | ତରତର | .................................................... |
| ପତାକା | ସରସର | .................................................... |
| ଓଦା | ଫରଫର | .................................................... |

## ତୁମ ପାଇଁ କାମ

'ଜାତୀୟ ପତାକା' ସଂପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ତୁମ ଟିପା ଖାତାରେ ଲେଖ ଓ ଶ୍ରେଣୀରେ ସାଙ୍ଗମାନଙ୍କ ସହ ଆଲୋଚନା କର ।